<onl02><literature><novel.....><1981><book.><ମାଂସରକୋଣ><ସୁରେନ୍
><0801>

ସେ ବୋଧହୁଏ ଚାହାଁନ୍ତି ନାହିଁ ଅନ୍ୟମାନଙ୍କ ପାଖରେ ଧରା ପଡିବା ପାଇଁ । ସେ ବୋଧହୁଏ କୌଣସି ପ୍ରହିବିସନ କ୍ଳବର ପ୍ରେସିଡେଣ୍ଟ ; ନୋହିଲେ କର୍ମକର୍ତ୍ତା : ନୋହିଲେ ଗୋବିଚାରି ଭଦ୍ରଲୋକ ; ଘରେ ପିଅନ୍ତି ଗଙ୍ଗାଜଳ । ଏବେ ଗୋଟାଏ ରମ୍ କି ହ୍ୱିସ୍କି ବୋତଲ ଧରି ଯିବେ କୌଣସି ବନ୍ଧୁଙ୍କ ପାର୍ଟିକୁ ।
ସନ୍ଧ୍ୟା ସାତଟାରେ ଦୋକାନ ବନ୍ଦ । ଭଦ୍ରଲୋକ ଅସହିଷ୍ଣୁ ହୋଇ ଉଠିଲେଣି । ସେଥିପାଇଁ ଘନ ଘନ ଉଷ୍ଣଶ୍ୱାସ । ଆଃ ମୋ ବେକମୁଣ୍ଡା ଜଳି ଯାଉଛି ଯେପରି ଲୁ ମାଡରେ ।
ଆମର ଦାରିଦ୍ର୍ୟ , ଆମର ବେକାରୀ ସମସ୍ୟାର ସମାଧାନ ନ ହେଉ ପଛେ ! କର୍ତ୍ତାମାନଙ୍କର ସଂକଳ୍ପ କିନ୍ତୁ ଆମକୁ ଚରିତ୍ରବାନ ନ କରି ଛାଡିବେ ନାହିଁ । ସେଥିପାଇଁ ନିଶା ନିବାରଣ - ଡ୍ରାଇ-ଡେ । ଲେନିନ୍ ମଧ୍ଧ ବିପ୍ଳବ ପରେ ଋଷିଆରେ ଆରମ୍ଭ କରିଥିଲେ ମଦ ନିଷେଧ , ଭଦ୍କା ବନ୍ଦ । କିନ୍ତୁ ପ୍ରଲିଟରିଆନ୍ ଡିକ୍ଟେଟରସିପ୍କୁ ବୃଦ୍ଧାଙ୍ଗୁଷ୍ଠି ଦେଖାଇ , ପୁଣି ଫେରି ଆସିଲା ଭଦ୍କା । - ବିଜୟ ନିର୍ଘାତ୍ ସିନିକ୍ । କଥା ପଡିଲେ ସେ କହେ , ଆମ ଦେଶର ନେତାମାନେ ଡ୍ରିଙ୍କ କରନ୍ତି ବାଥରୁମ୍ରେ , ଡ୍ରଇଁ ରୁମ୍ରେ ନାମ ନିଅନ୍ତି ବାବା ଅଥବା ମାତାମାନଙ୍କର । ଡ୍ରାଇ-ଡେର ବ୍ୟବସ୍ଥା ତ ମଦର କାଟତି ବଢାଇବା ପାଇଁ ।
ଚାରିଦିନର ମାଲ ଏକା ଦିନେ ବିକ୍ରୀ ହୋଇଗଲେ ବ୍ୟବସାୟୀର ଲାଭ ଆଉ ନୀତିବାଗିଶମାନଙ୍କର ଜୟ ଜୟକାର । ଇଏ ଠିକ୍ ଛାଡଖାଇ ଦିନସାରା କାର୍ତ୍ତିକ ମାସର ମାଛ ବିକ୍ରୀ ହୋଇଯିବା ପରି । ` ବ୍ଲୁ-ଫଙ୍କ୍ସ ' ବାଲାମାନେ ସେଥିପାଇଁ ତ ଡ୍ରାଇ-ଡେର ବଡ ସମର୍ଥକ । ସାରା କାର୍ତ୍ତିକ ମାସଟା ହବିଷ କରିବା ପରେ , ବୁଢୀମା ଅନେଇ ବସିଥାଏ - ଛାଡଖାଇ କେବେ ? ରାମାନନ୍ଦୀ ଚିତା ତଳେ ତା'ର ଦୁଇ ବିଷର୍ଣ୍ଣ ଆଖିରେ ଆମିଷର କ୍ଷୁଧା । ସକାଳୁ ସକାଳୁ ମୋତେ ଉଠାଇ

କହେ –' ତୁ ଯିବା ବେଳକୁ ପଡିଥିବ ଦଣ୍ଡିକିରି ନୋହିଲେ ଛୋଟ ପୋହଳା । ଜଲ୍ଦି ଜଲ୍ଦି ନ ଗଲେ ମାର୍କେଟ୍‌ରୁ ବଡ ମାଛ ସବୁ କିଏ କୁଆଡେ ବୋହି ନେଇଯିବେ । ' ମାସଟାଯାକର ହବିଷ ପରେ ଆଜି ମୀନକୂଳ ସଂହାର କରିବା ପାଇଁ ପଡିବ । ଡ୍ରାଇ-ଡେ ସେହିପରି ଏକ ହବିଷ । ନେତାଙ୍କୁ ଥରେ ଏକ ସାମ୍ବାଦିକ ସମ୍ମିଳନୀରେ ପଚାରିଥିଲି , ' ଜାଣନ୍ତି ଆପଣ , ହୁଇସ୍କି ଅପେକ୍ଷା ରାଜନୈତିକ କ୍ଷମତା , ଅହଂକାର ମଣିଷକୁ ବେଶୀ ମାତାଲ କରେ ? ତା'ର ପଶୁବୃତ୍ତିକୁ ଆହୁରି ଉଗ୍ର କରେ ?' ନେତା ଏକ ପ୍ୟୁରିଟାନ । ସେ ଠଉରେଇ ନେଲେ ମୁଁ ତାଙ୍କ ମଦ-ନିଷେଧ ଯୋଜନାକୁ ପରିହାସ କରୁଚି । ସେ ଚିତ୍କାର କଲେ - ' ତମରି ପରି ବିଦେଶୀ ସଂସ୍କାରରେ ବର୍ଦ୍ଧିତ ଲୋକମାନେ ଆମର ଏଇ ପୁଣ୍ୟଭୂମିର ସମାଜ ଆଉ ସଂସ୍କୃତିକୁ ଧ୍ୱଂସ କରୁଛନ୍ତି । ' ମୁଁ ଉତ୍ତର ଦେଲି ' ଇଏ ମୋ ପ୍ରଶ୍ନର ଉତ୍ତର ହେଲାନାହିଁ । ହୁଇସ୍କିରେ ନିଶା , ଆଲ୍‌କହଲ୍ ଥାର୍ଟି ପରସେଣ୍ଟ୍ । ତା ନ ହେଲେ ବିଶୁଦ୍ଧ ପାଣି ପିଇ ଲୋକେ

ଏପରି ପ୍ରମତ୍ତ ହୁଅନ୍ତେ କିପରି ? ଆଉ ସଂସ୍କୃତି କଥା ଯଦି କହୁଛନ୍ତି , ତା' ହେଲେ ସୋମରସ ଟୋପେ ଟୋପେ ନ ପଡିଲେ , ଆର୍ଯ୍ୟ ଋଷିମାନେ କୁଆଡେ ଆକ୍ଷି ଫିଟାଉ ନ ଥିଲେ । ' ନେତା ବିସ୍ଫୋରଣ କଲେ ... ' ତୁମେ ମୋ ପ୍ରେସ୍ କନଫରେନ୍‌ସ ଛାଡି ଚାଲିଯାଇ ପାର । ଏପରି ବେଆଦବା ବରଦାସ୍ତ କରିବା ଲୋକ , ମୁଁ ଅନ୍ତତ ନୁହେଁ । '- ଷ୍ଟୋରିଟା ଦେଇଥିଲି ସଂପାଦକଙ୍କୁ । ତା' ଉପରେ ଗୋଟାଏ ନାଲି ଛକି ପକାଇ ସେ ଷ୍ଟୋରିଟାକୁ ଫେରାଇ ଦେଇଥିଲେ ମୋ ଡେସ୍କକୁ ... । ଯେଉଁ ଆତ୍ମ ପ୍ରତାରଣା ଉପରେ

ରାଷ୍ଟ୍ର , ସମାଜ ପ୍ରତିଷ୍ଠିତ , ଖବରକାଗଜ ତାର ଚତୁର୍ଥ ଇଲାକା , ସେଥିରୁ ବାଦ୍ ପଡନ୍ତା କିପରି ? ବସ୍ତୁତଃ ଖବରକାଗଜ ତ ସେଇ ଆତ୍ମପ୍ରତାରଣାର ପ୍ରଚାରଯନ୍ତ୍ର । ସମ୍ବାଦପତ୍ରର ସ୍ୱାଧିନତା `ଡ୍ରାଇ-ଡେ ' ପରି ଆଉ ଏକ ମୁଖ ରୋଚକ ବୋଲି । ଖଣ୍ଡେ ସିଗାରେଟ୍‌ରେ ନିଆଁ ଧରାଇ ଆଗକୁ ଚାହିଁ ଗଣି ଦେଖିଲି , କାଉଣ୍ଟର ପର୍ଯ୍ୟନ୍ତ ମୋ ଆଗରେ ଠିଆ ହୋଇଛନ୍ତି ଆଉରି ପନ୍ଦର ଜଣ - ପ୍ରତ୍ୟେକଙ୍କ

ଅନ୍ୟୁନ ତିନି ମିନିଟ ଆବଶ୍ୟକ ହେଲେ , ମୋ ପାଳି ପଡିବ ପଇଁଚାଳିଶ ମିନିଟ ପରେ । ବଡ କ୍ଲାନ୍ତ ଲାଗେ , ଏଇପରି ଅସହାୟ ଭାବରେ କ୍ୟୁରେ ଧାଡିଦେବା ପାଇଁ । ତା ଉପରେ ପୁଣି , ପଛରେ ପେରି ମାସନ୍ ଡିଟେକ୍‌ଟିଭ ଉପନ୍ୟାସର କୌଣସି ଚରିତ୍ର ପରି , ମୁଣ୍ଡରେ ଫେଲ୍‌ଟ ଟୋପି ପିନ୍ଧା ସେଇ ଭଦ୍ରଲୋକଙ୍କର ଉତ୍ତପ୍ତ ନିଃଶ୍ୱାସ , ବେକମୂଳେ ନିଆଁ ଝାସ ପରି ଲାଗୁଛି ।

ଏଇ ପରି ଅସ୍ୱସ୍ତିପୂର୍ଣ୍ଣ ମୂହୁର୍ତ୍ତରେ ମୋ ନାକ ତଳେ , କେତେ ପଟ ତାସ୍ ପରି କିଏ ଜଣେ ଖୋଲି ଧରିଲା କେତେଖଣ୍ଡ ରଙ୍ଗ ବେରଙ୍ଗ କାଗଜ ।

' ଲଟେରୀଟିକେଟ୍ ବୋଲିୟେ ସା'ବ । ପଅର ଦିନ ଡ୍ର । ଏଇ ଲାଷ୍ଟ ଚାନ୍‌ସ । ନସୀବରେ ଥିଲେ , ଗୋଟିଏ ଟଙ୍କା ଦେଇ ଲକ୍ଷେରୁ ଦଶଲକ୍ଷ ଆପଣ ପାଇଯିବା ଅସମ୍ଭବ ନୁହେଁ । ଦିଲ୍ଲୀ ଲଟେରୀ , ୟୁ:ପି:ଲଟେରୀ , ପଞ୍ଜାବ ଲଟେରୀ , ହରିଆନା ଲଟେରୀ ସବୁ ଲଟେରୀ କିଣି ପାରନ୍ତି ଆପଣ । //

ପକ୍ଷଝାଡି ଉଡିଯାଇଛି ସେ , ତଥାପି ହାତରେ ଲାଗି ରହିଛି
ମସୃଣତାର ସ୍ପର୍ଶ , ପକ୍ଷଝଡା କିଛି ପରାଗ । ସେହି ସ୍ମୃତି ବେଳେ
ବେଳେ ଛୁଟାଇ ଦିଏ ମୃଦୁ ହସର ଲହରୀଟିଏ ତା ଅଧର ଉପକୂଳରେ ।
ପଚାରିଲେ କିଛି ଉତ୍ତର ଦିଏ ନାହିଁ ସେ , ସେମିତି ହସିଦିଏ
ଟିକିଏ । ସେ ହସ ଚେନାକ ଉକୁଟି ଉଠେ ତା ଗୋଲାପି ଅଧରରେ ,
କରୁଣ ବିଳାପର ତାନ ତୋଳି ସାହାନାଇର ମୃଦୁ ଗୁଞ୍ଜରଣଟିଏ
ମିଳାଇ ଯାଏ ପବନରେ , ଅନେକ ମନରେ ଅନେକ ମୂର୍ଚ୍ଛନା ବୁଣି
ହୋଇ ପଡେ , କାହାରି ଅବସର ନଥାଏ ଖିଅ ଧରି ଧରି ଅଥଳ
ଦରିଆରେ ଡୁବମାରି କାରଣଟିଏ ଖୋଜିବାକୁ ।
କେବେ କେଉଁଠୁ କେମିତି ଆସି ଏ ବଟ ମୂଳେ ଆସନ ପାତି
ଦେଇଛି ହୁଏତ କାହାରି ହେଜ ନାହିଁ , ସେ କିନ୍ତୁ ଅନେକ ମନରେ
ଅନେକ ଝଡ ବୁହାଇ ଦେଇଛି , ଅଥଚ ବହୁ ପ୍ରଶ୍ନର ଶତାହତ
ବିହଙ୍ଗଟି କେବେ ହେଲେ ଆପଣା ସମ୍ବନ୍ଧରେ ମୁହଁ ଖୋଲି ନାହିଁ ।

ଏଇ ମାତ୍ର ଗୋଟିଏ ବର୍ଷ ଭିତରେ ଆଖପାଖ ବହୁ ଲୋକଙ୍କର ବେଶ୍ ଉତ୍ତମ ଧାରଣା ସୃଷ୍ଟି କରାଇ ପାରିଛି ତା ନିଜ ପ୍ରତି । ସେତିକି ହିଁ ତାର ସଫଳତା ।

ସକାଳ ଓ ସନ୍ଧ୍ୟାରେ ବେଶ୍ ଭିଡ ଜମି ଉଠେ ସେ ବଟ ମୂଳେ । ତେଲ କରେଇରୁ ଗରମ ବରା , ପକୁଡି , ଗୁଲୁଗୁଲା , ଛାଣି ପାଛିଆମାନଙ୍କରେ ସଜାଇ ଦିଏ । ଆରପାଖ ଆଂଚରେ କେଟ୍‌ଲିଟିରେ ଚା' ଫୁଟୁଥାଏ , ଯନ୍ତ୍ର ମାନବଟି ଭଳି କାମକରି ଚାଲିଯାଏ ସେ । ଛବିଶକି ସତେଇଶ ବର୍ଷ ବୟସର ଯୁବକ ନିଜକୁ ହଜାଇ ଦେଇଥାଏ ସର୍ଦ୍ଦାରଙ୍କ ଗହଣରେ , ଲୋକ ଚିହ୍ନି ଭାବ ବିନିମୟ , ଲୋକ ଜାଣି ବ୍ୟବହାର ।

ସୂର୍ଯ୍ୟାସ୍ତ ସମୟରେ ଯେତେବେଳେ ସମଗ୍ର ପରିବେଶ କନକ ଆଭା ଧାରଣ କରେ , ନୀଡ ବାହୁଡା ବିହଙ୍ଗମାନଙ୍କର କଳ କାକଳୀ କାନରେ ବାଜିଯାଏ , ଚମକି ପଡି ସେ ଚାହେଁ ଅନନ୍ତ ଆକାଶକୁ । ତାର ନିର୍ଲିପ୍ତ ଆଖି ଡୋଳା ଦୁଇଟି ହଠାତ୍ ଉଦାସ ହୋଇଯାଏ । ହାତ ଅଟକି ଯାଏ ଚା କପ୍‌ରେ ।

କେଉଁ ଅବଲୁପ୍ତ ସ୍ମୃତି ତା ମନରେ ସଂଶୟ ସୃଷ୍ଟି କରେ – ଯେ ଚାଲିଯାଏ ସେ କ'ଣ ଥରକ ପାଇଁ ତା ଦୃଷ୍ଟି ପଥରେ ପଡିବ ନାହିଁ ଆଉ ?

ବିଦେଶ ବାହୁଡା ଦୂର ଗାଁ ଯାତ୍ରୀମାନଙ୍କର ସାମୟିକ ଆଶ୍ରୟ ସ୍ଥଳ ପାଲଟି ଗଲାଣି ସେ ବଟମୂଳ । ପ୍ରଥମରୁ ତାଳ ବରଡା ଘେରା ସେ ଦୋକାନଟି ଏବେ ଝାଟି ମାଟି କାନ୍ଥଦିଆ ଘରରେ ପରିଣତ ହୋଇଗଲାଣି । ସାମ୍ନାରେ ଦୁଇଟି ଲମ୍ବା ବେଞ୍ଚ ଓ ଲମ୍ବା ଟେବୁଲ ଦୁଇଟି ମଧ୍ଯ ରହିଲାଣି । ସ୍ଥାନଟିର ଗୁରୁତ୍ୱ ଦିନୁ ଦିନ ବଢୁ ଥିବାର ଦେଖି ଯୁବକ ମାନେ ବଟ ମୂଳକୁ କେନ୍ଦ୍ର କରି ଚଉପାଢୀଟିଏ ଆରମ୍ଭ କରି

ଦେଇଛନ୍ତି । ସେମାନଙ୍କର ଏ ଉଦ୍ୟାନକୁ ଉତ୍ସାହିତ କରିବା ପାଇଁ ନିଜ ତରଫରୁ ବସ୍ତାଏ ସିମେଣ୍ଟ ଓ ଏକ ହଜାର ଇଟାର ମୂଲ୍ୟ ଦେବାକୁ ପ୍ରତିଶ୍ରୁତି ଦେଇ ସାରିଛି ସେ । କର୍ମରତ ଯୁବକମାନଙ୍କ ହାତକୁ ବଢାଇ ଦେଇଛି ସେ କେତେ କପ ଚା' ତାର ଏଇ ଅଯାଚିତ ଅବଦାନକୁ ସ୍ୱୀକାର କରି ନେଇଛନ୍ତି ଯୁବକମାନେ । ' ବାଳିଆ ଧରିବା ପାଇଁ କେରାଣ୍ଡି ଗୁନ୍ଥା ' , ମୃଦୁ ଲହରୀଟିଏ ଛୁଟି ଯାଇଛି । ନିରୋଳା ରାତିରେ ବେଳେ ବେଳେ ତାକୁ ଏକୁଟିଆ ଲାଗେ । ଆକାଶରେ ଅଗଣିତ ତାରକା ମେଳରେ କ'ଣ ସେ ଠାବ କରେ କେଜାଣି , ମୂହୂର୍ତ୍ତକ ପାଇଁ ଉଲ୍ଲସିତ ହୋଇ ଉଠେ । ତାର ସେଇ ଉଲ୍ଲାସ ଯୋଗୁଁ ବିଷାଦ କେଦାରର ସୁର ଶୁଭିଯାଏ କେଉଁଠୁ । ଧୂମାୟିତ ବେଦନାର ଘନ ଛାଇ ଅସ୍ଥିର କରି ପକାଏ ତାକୁ । ସ୍ମୃତି ସାଗରର ଅତଳ ଗଭୀରତା ମଧ୍ୟରେ କେଉଁ ନିବୁଜ ଫରୁଆରେ ସେ ଠାବ କରେ ସରିତାକୁ ।

ସରିତା , ଯାହାର ପଦ ପାତରେ ଥିଲା ଅନେକ କବିତାର ଅପ୍ରକାଶ୍ୟ ରୂପକଳ୍ପ । ଚଳଚଞ୍ଚଳ ସେହି ବନ ହଂସୀଟିକୁ ଶତ ଭୁଲିବାର ପ୍ରଚେଷ୍ଟା କେମିତି ବିଫଳ ହୋଇଯାଏ । ତଥାପି ନ ଥାଏ ଭାବନାର ଆଦିଅନ୍ତ । କେବେ କେମିତି ଅସତର୍କ ଭାବେ କଣ୍ଠରୁ ବାହାରି ପଡେ ଶବ୍ଦଟିଏ - ଇଡିଏଟ୍ । //

ତଥାପି ଅରୁଣିମା ଲେସି ହୋଇ ରହିଥାଏ । ପୂର୍ବ ଆକାଶଟା ସାରା ଶୀତଳ ଧୀର ପବନ ପରଶି ଯାଉଥାଏ ଦେହ ଉଲୁସା ଅତୀତ ଖିଅକୁ ଜାବୋଡି ଧରି ଆଶା ହତାଶାର ଚକା ଭଉଁରୀ ଖେଳିବାକୁ , ଭବିଷ୍ୟତ ଅନ୍ଧ ଗହ୍ୱର ଭିତରେ ନିଜ ପାଇଁ ରାହାଟିଏ ସନ୍ଧାନ କରିବାକୁ ।

ଭବିଷ୍ୟତର ରାହା ସନ୍ଧାନରେ ବ୍ରତୀ ଚା' ଦୋକାନୀ ସନା

ଆଞ୍ଚ ଲଗାଇ ବାସନ ମାଜି ବସି ନିଜ ପରିଚୟ ଅଣ୍ଡାଳି ହେଉଥିଲା ।
ସେ ତେବେ କ'ଣ ପୁଣି ନୀଡ ରଚନା କରିବ ? ସାଥିଟିଏ
ଖୋଜିବ ?
ଚମକି ଉଠିଲା ସନତ୍ , କାହିଁକି ଯେ ଏ ଭାବନା ହଠାତ୍ ଜାଗି
ଉଠିଲା ମନରେ ? ନୀଡ ରଚନା କରିବାର ଆଶା କଳିକାଟିକୁ କିଏ
ଦଳି ମକଚି ଧୂଳିସାତ୍ କରି ଦେଇଛି ଅନେକ ଆଗରୁ । ବୃନ୍ତଚ୍ୟୁତ
କଳିକାଟିକୁ କୁସୁମିତ କରାଇବାରେ ଏ ଦୁର୍ଭାବନା କାହିଁକି ?
ତଥାପି ସରିତା କେଉଁଠି ଥାଇ ଯେମିତି କହୁଛି ମୋତେ
ଭୁଲିଯାଅ ସନତ୍ ବାବୁ , ମୁଁ ତୁମର କେହି ନୁହେଁ , କିଛି ନୁହେଁ , ମୁଁ
ଅଚିହ୍ନା , ଅଜଣା ।
ଅଚିହ୍ନା , ଅଜଣା ସରିତା ସହିତ ସେ ମୁହୂର୍ତ୍ତଗୁଡିକ ପଥରର
ଯେଉଁ ଗାରଟି କାଟି ଦେଇଛି , ତାହା ଚିହ୍ନନ୍ତାବା କେମିତି ?
ଆଃ , ଥରେ ଯଦି ତାର ସାକ୍ଷାତ ମିଳନ୍ତା – ।
ସରିତା , ଭିନ୍ନ ରୁଚି , ଭିନ୍ନ ମନର ଝିଅଟିଏ , ପ୍ରଥମ ଥର ପାଇଁ
ସ୍କୁଟର ଚଢି କଲେଜକୁ ଆସିଥିଲା ସିଏ । ପିନ୍ଧିଥିଲା ହାଲକା ନୀଳ
ରଙ୍ଗର ଶାଢୀ , ଅସଂଯତ କେଶରାଶି ତାର ସୁଗୌର ପୃଷ୍ଠ ଦେଶରେ
ଢେଉ ଖେଳୁଥିଲା । ପାଦର ଜୋତାଠୁଁ ଆରମ୍ଭ କରି ସମସ୍ତ ଦାମିକା
ପହରଣ ଭିତରେ ସେହି ଲମ୍ବା ପାତଳୀ ଝିଅଟିର ଉପସ୍ଥିତି ଯେମିତି
ରଙ୍ଗର ସବୁ ଉଜ୍ଜ୍ୱଳତାକୁ ମ୍ଲାନ କରି ଦେଉଥିଲା । ରୂପର ସମସ୍ତ
ଅହଂକାରକୁ ଚୂର୍ଣ୍ଣ କରି ଦେଉଥିଲା । ଉଚ୍ଛଳ ଯୌବନର
ମାଦକତାରେ ମତାଇ ଦେଉଥିଲା ।
ସେ ଥିଲା ସହପାଠିନୀମାନଙ୍କ ପାଇଁ ଇର୍ଷାର କାରଣ ଏବଂ
ସହପାଠୀମାନଙ୍କର ତାକୁ ଆବିଷ୍କାର କରିବା ପାଇଁ ଥିଲା ଅଜସ୍ର
କୌତୁହଳ , ଅଥଚ କଳାକାର ସନତ୍ ପାଇଁ ସରିତା ମନରେ ଜାଳି

ଉଠିଥିଲା ଅନେକ କଳ୍ପନାର ଫୁଲଝରି ।
ଅନେକ ଆଗରୁ କ୍ଲାସ ସରିଥିଲେ ମଧ୍ଧ ସନତ୍ର ପ୍ରତୀକ୍ଷାରେ
ଥିଲା ସରିତା । ଦେଖୁ ଦେଖୁ ନିମନ୍ତ୍ରଣ ଜଣାଇଥିଲା ପରଦିନ ତା ଜନ୍ମ
ଉତ୍ସବରେ ଯୋଗଦେବାକୁ , କାମନା କରିଥିଲା ସେହି ଶୁଭ ଅବସରରେ
ସନତ୍ର ହାତଲେଖା କବିତାଟିଏ ।
କବିତାଟି ସରସ ସୁନ୍ଦର କରି ରଚନା କରିବାକୁ ସାରାରାତି
ବିନୀଦ୍ର ରହିବାକୁ ପଡିଥିଲା ସନତ୍କୁ , ଲେଖେ , କାଟେ , ପୁଣି ଲେଖେ
ମନ ମାନେ ନାହିଁ । ମନ ଯେତେବେଳେ ମାନିଗଲା ସେଇ ମୁହୁର୍ତ୍ତରେ
ଆନନ୍ଦର ପାଖୁଡା ଗୁଡିକ ଖୋଲି ଯାଇଥିଲା , ହୃଦୟ ଖୋଲା ହସର
ସ୍ରୋତଟିଏ ଛୁଟି ଯାଇଥିଲା ପ୍ରାଣରେ ପୁଲକ ଜଗାଇ ଥରିଲା ଓଠ
ଫାଙ୍କରେ ।
ସୁ ସଜ୍ଜିତ ପ୍ରତ୍ୟେକ ରୁମ୍ । ଜନ ସମାଗମ ଆରମ୍ଭ ହୋଇ
ଯାଇଥାଏ । ସନ୍ତର୍ପଣରେ ବିରାଟ ଫାଟକ ଅତିକ୍ରମ କରି ପ୍ରବେଶ କଲା
ସନତ୍ । ହଠାତ୍ ତା ଆଗରେ ଉଭା ହୋଇଗଲା ସରିତା ।
କପାଳରେ ଚନ୍ଦନ ଟିପା , ପିନ୍ଧିଥାଏ ନୀଳ ବନାରସୀ ପାଟ ,
ପାଟକୁ ମ୍ୟାଚିଂ କଲାଭଳି ବ୍ଲାଉଜ୍ । ନୀଳ ମୋତି ସେଟ୍ କରା ଆଇ
ଡ୍ରପ ଦୁଇଟି ପିନ୍ଧିଥାଏ କାନରେ , ଚଉଡା ନେକଲେସ୍ଟିଏ ଲୋଟି
ପଡିଥାଏ ସୁ ଉଚ୍ଚ ଛାତି ଉପରେ । ଘଣ୍ଟାର ବ୍ୟାଣ୍ଡ , ନଖର ନେଲପଲିସ
ଓ ପାଦର ଚପଲ ସବୁ ନୀଳ , ସତେ କି ନୀଳ ଆକାଶରୁ ନୀଳ ପରୀଟିଏ । //
କ୍ଳାନ୍ତ ସନତ୍ ଖାଇ ପିଇ ଶୋଇ ଯାଇଥିଲା ଡ୍ରଇଁ ରୁମରେ ।
ବାହାରିଲା ବେଳକୁ ସରିତା ତା ଷ୍ଟଡି ରୁମକୁ ଡାକି ନେଇଥିଲା ,
ଶୁଣାଇ ଥିଲା ସେହି ସଂଳାପ ଗୁଡିକୁ ଷ୍ଟେରିଓ ବଜାଇ , କହିଥିଲା ,
ଫଟୋ ଗୁଡିକର କପି ଦୁଇ ଦିନ ପରେ କଲେଜରେ ଦେବ ବୋଲି ।
ଅତୀତର ଗାଥା ଗୁଡିକୁ ଭୁଲି ଯିବା ପାଇଁ ସନତ୍ ପାଟିରୁ

ବାହାରି ପଡିଥିଲା – ଇଡିଅଟ୍ ।
ବଟମୂଳେ କେଉଁ ଦୂର ଗାଁର ପଥୁକୀ କେତେ ଜଣ ଆଶ୍ରୟ ନେଇଥିଲେ । ବସନ୍ତର ମୃଦୁ ସମୀରଣ ବରଗଛର ପତ୍ର ଗହଳିରେ ସୃଷ୍ଟି କରୁଥିଲା ମର୍ମର ସଙ୍ଗୀତ । ତାଳେ ତାଳେ ଶୁଭି ଯାଉଥିଲା ହଳଦୀ ବସନ୍ତ କଣ୍ଠର କୁଳୁ କୁଳୁ ନିନାଦ । କେଉଁ ଦୂର ଆମ୍ବଗଛ ଡାଳରୁ କୋଇଲିର କୁହୁତାନ ଶୁଣା ଯାଉଥିଲା ରହି ରହି ।
ଅଭ୍ୟାସ ଗତ ଭାବେ ଘର ଭିତରେ ଏକ ଇଂରାଜୀ ପତ୍ରିକା ପୃଷ୍ଠାରେ ଆଖି ପକାଇ ଥିଲା ସନତ । ପୃଥିବୀର ଦୁଇ ବୃହତ୍ ଶକ୍ତି ଗୋଷ୍ଠୀଙ୍କ ମଧ୍ଧରେ ଚାଲିଥିବା ଶିତଳ ସଂଗ୍ରାମ ଉପରେ ଆଧାରିତ ଏକ ଅଗ୍ରଲେଖାରେ ମଜ୍ଜି ଯାଇଥିଲା ସେ । ବାହାରୁ କାହାରି ଡାକ କାନରେ ବାଜିଲା – ଚା’ ଦେଇଯାଅ ସନା ଭାଇ ।
ବେଞ୍ଚରେ ଦୁଇଜଣ ଯୁବକ । ମୁହଁରେ ଭାଷା ନାହିଁ । କେଉଁ ଏକ ଜଟିଳ ସମସ୍ୟାରେ ଜର୍ଜରିତ ହୋଇ ନୀରବତାର ଆବରଣ ତଳେ ସମାଧାନର ସୂତ୍ର ଖୋଜୁଥିଲେ । ସେମାନଙ୍କ ହାତକୁ ଚା’ ଡିଆରି କରି ବଢାଇ ଦେଲା ସନତ ।
ଚା’ପିଆ ପରେ କଥା ଜଣା ପଡିଗଲା । ସେମାନଙ୍କ ମଧ୍ଧରୁ ଜଣେ ଶିକ୍ଷିତ । ଚାକିରୀ ନିମନ୍ତେ ନୟାନ୍ତ ହୋଇ ଅନେକ ଧାଇଁଛି । ସେହି ଚାକିରୀ ଖଣ୍ଡିକ ଆଶାରେ ରାଜନୈତିକ ଦଳର ନେତାମାନଙ୍କର ଆଶ୍ରୟ ନେଉଛି । କ୍ଷମତାଶୀନ ଦଳର ନିର୍ବାଚନ ପ୍ରଚାର କରିଛି , ଗୁଣଗାନ କରିଛି । ଲୋକଙ୍କୁ କହିଛି – ଆମ ଦଳର ହାତମୁଠା ଟାଣ କର , ତୁମ ଅଞ୍ଜଳି ଭରିଯିବ । ମଞ୍ଚରେ ଭାଷଣ ଦେଇଛି , ଆଶାର ସାଗରରେ ନିଜକୁ ଭସାଇ ଦେଇ ବର୍ଷ ବର୍ଷ ଧରି ପ୍ରତୀକ୍ଷାରେ ରହିଛି । କିନ୍ତୁ ତା ନିଜ ଅଞ୍ଜଳି ସେମିତି ଶୂନ୍ୟ ପଡି ରହିଛି । ମରିଚିକା ତଳେ ଆଶାର ସାଗର ଆତ୍ମଗୋପନ କରିଛି । ଶୂନ୍ୟତାର ମରୁଭୂମିରେ କେଉଁଠି

ପାଉନାହିଁ ମରୁଦ୍ୟାନଟିଏ ।
ନେତା କହିଛନ୍ତି – କଣ୍ଟ୍ରାକ୍ଟରୀ କର । ଟଙ୍କା କିଛି ଯୋଗାଡ କର । ବର୍ଷ କେତୁଟାରେ ଅବସ୍ଥା ବଦଳି ଯିବ । ନିଜେ ନେତୃତ୍ୱ ନେଇପାରିବ ଜନ ସାଧାରଣଙ୍କର ।
ଅନ୍ୟ ପକ୍ଷରେ ସରକାରୀ ଚାକିରୀର ପ୍ରଲୋଭନ । ଅଣ୍ଟା ଟାଣ ଥିଲେ ସବୁ ସମ୍ଭବ । ଆଠ ହଜାର ଟଙ୍କା ଜମି ବିକ୍ରୟ କରି ଦୀର୍ଘ ଦେଢ ବର୍ଷ ହେଲା ଦିଆ ଯାଇଥିଲା । ଧାଇଁ ଧାଇଁ ପ୍ରାଣାନ୍ତକ ହେଲାଣି , ଅଥଚ ଚାକିରୀର ପାଦ ଘୁଞ୍ଚି ଘୁଞ୍ଚି ଯାଉଛି । ଟଙ୍କା ମାଗିଲା ବେଳକୁ ଜବାବ ମିଳିଲା – ଚାକିରୀ ନହେଲେ ଯଦିତ ଟଙ୍କା ଫେରସ୍ତ ନେବ , ଏତେ ବ୍ୟସ୍ତ କାହିଁକି ? ଏତେ ବ୍ୟସ୍ତ ଯଦି ଟଙ୍କା ଦେଉଥିଲ କାହିଁକି ?
ଯୁବକ ଜଣଙ୍କ ଏଣେ ବେରୋଜଗାରୀ ପୁଣି ବିବାହିତ । ତାର ସାଥୀ ଜଣଙ୍କ ନାନା ପ୍ରକାର ସାନ୍ତ୍ୱନା ବାଣୀ ଶୁଣାଇବା ବ୍ୟତୀତ କିଛି ଗୋଟାଏ ବ୍ୟବସାୟ ଆରମ୍ଭ କରିବାକୁ ପ୍ରେରଣା ଦେଉଥାଏ । କିନ୍ତୁ ଅର୍ଥାଭାବ ହିଁ ପ୍ରତିବନ୍ଧକ ସୃଷ୍ଟି କରୁଛି ।
ସବୁ ଶୁଣି ସନତ ମୁହଁ ଖୋଲିଲା । ଆପଣା ଅଭିଜ୍ଞତାର ପୃଷ୍ଠାରେ ମନନଶୀଳତାର ସ୍ୟାହୀରେ ଆଙ୍କି ହୋଇ ଯାଇଥିବା ଭାଷାଶୁଣିବାକୁ । ଆମେ ଆଉ ଅଧିକ କଣ ଆଶା କରି ପାରନ୍ତେ ? ଆଶାରେ ଆଶାରେ ତିଳ ତିଳ ହୋଇ ମରିବାର ସ୍ୱାଧୀନତା ତ ପାଇଛେ । ପାଇଛେ ଗଣତନ୍ତ୍ର ଭଳି ସୁମଧୁର ଶବ୍ଦ । ପୋଥି ବାଇଗଣରେ ନାଗରିକର ଅଧିକାର , ନାଗରିକ ଦାୟିତ୍ୱ ।
ଦୁଃସ୍ୱପ୍ନ ଭଳି ଅତୀତ ଆକାଶରେ ହଜିଯାଇଥିବା ସେ ସ୍ମୃତି ତଥାପି ରହି ରହି ହୃଦୟର କେଉଁ କୋଣରେ ଆଘାତ ହାଣେ ।
ନିସ୍ତରଙ୍ଗ ସରୋବର ବୁକୁରେ ସଂଶୟର ତରଙ୍ଗ – ସରିତା ସତେ କ'ଣ ସ୍ମରଣ ରଖିବ ସନତକୁ ?